# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଲିଅନ୍ତା (ଖୋର୍ଦ୍ଧା)

OFFICE OF THE TAHASILDAR BALIANTA

ପତ୍ର ସଂଖ୍ୟା ୧୦୭୮/ତା ୧୪/୦୨/୨୧

## ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବାଲିଅନ୍ତା ତହସିଲ ଅନ୍ତର୍ଗତ କୁଶଭଦ୍ରା ନଦୀ ବାଲି ଉତ୍ସ ମୌ - ଭୁବନପୁରକୁ OMMC Rule 2016 ମୁତାବକ ଦୀର୍ଘମିଆଦି ଲିଜ୍ ସୂତ୍ରରେ ଆସନ୍ତ 5 ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ FORM 'M' ରେ 3 (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଲଗ୍ନ କରି ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲେଖ କରି ତହସିଲଦାର ବାଲିଅନ୍ତାଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post / Registered Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ଆସନ୍ତା ତା 16.03.2021 ରିଖ ସନ୍ଧ୍ୟା 5.00 ଘଟିକା ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ ତା 17.03.2021 ରିଖ ଦିବା 11.00 ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ଖୋଲାଯାଇ ତନଖି କରାଯିବ ଏବଂ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ବ୍ୟକ୍ତି ବିଶେଷଙ୍କୁ ଯୋଗ୍ୟ ଲିଜ୍ ଧାରୀ ଭାବରେ ଚୟନ କରାଯିବ । ଧାର୍ଯ୍ୟ ସମୟରେ ପରେ ପ୍ରାପ୍ତ ଦରଖାସ୍ତ କିମ୍ବା ପ୍ରାପ୍ତ ହୋଇଥିବା ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ ( Reject) କରାଯିବ । ଯଦି କୌଣସି ଅନିବାର୍ଯ୍ୟ କାରଣ ପାଇଁ ଲିଜ୍ ଚୁଡାନ୍ତ ହୋଇନଥିବ, ତାହେଲେ ଏଥିପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା 24.03.2021 ଓ 31.03.2021 ଦିବା 12.00 ଘଟିକା ପର୍ଯ୍ୟନ୍ତ ଆବେଦନ ପତ୍ର ଗ୍ରହଣ କରାଯିବ । ଏବଂ ଏହି ଦିନ ଅପରାହ୍ନ 3.00 ଘଟିକା ସମୟରେ ପୂର୍ବମତେ ଦରଖାସ୍ତ ଗୁଡିକ ତନଖି କରାଯିବ । ଏ ସମ୍ବନ୍ଧୀୟ ସବିଶେଷ ବିବରଣୀ ଖୋର୍ଦ୍ଧା ଜିଲ୍ଲା Website (www.Khordha.nic.in) ରେ ଉପଲବ୍ଧ । ଏତଦବ୍ୟତୀତ ସୈରାତ ଉତ୍ସର ସବିଶେଷ ବିବରଣୀ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଯେ କୌଣସି କାର୍ଯ୍ୟ ଦିବସରେ ମଧ୍ୟ ତନଖି ପାରିବେ ।

କୌଣସି କାରଣ ନ ଦର୍ଶାଇ ମଧ୍ୟ ତହସିଲଦାର, ବାଲିଅନ୍ତା ଯେ କୌଣସି ସମୟରେ ଏହି ଲିଜ୍ ବିଜ୍ଞାପନକୁ ରଦ୍ଦ, ସ୍ଥଗିତ କିମ୍ବା ସଂଶୋଧନ କରିଦେଇ ପାରିବେ ।

୧୫/୨/୨୦୨୧

ତହସିଲଦାର, ବାଲିଅନ୍ତା